# REGIONAL NEWS UNIT, AIR CUTTACK

## Evening Bulletin (6.45PM)

### 09 October – 2025

*********************************

## ମୁଖ୍ୟ ସମ୍ବାଦ

- ଦେଶରେ ପ୍ରତ୍ୟେକ ମାସରେ ୟୁପିଆଇ ମାଧ୍ୟମରେ ୨୪ ଲକ୍ଷ କୋଟି ଟଙ୍କାର ଆର୍ଥିକ କାରବାର ହେଉଛି; କହିଲେ ପ୍ରଧାନମନ୍ତ୍ରୀ
- ବନ୍ୟପ୍ରାଣୀ ସଂରକ୍ଷଣ ପାଇଁ ସାମୂହିକଭାବେ ଦାୟିତ୍ୱ ନେବାକୁ ଆହ୍ୱାନ ଦେଲେ ରାଜ୍ୟପାଳ
- ଉପରପଡ଼ିଆରେ କଟକ ବାଲିଯାତ୍ରା ଆୟୋଜନ ପାଇଁ ଅନୁମତି ପ୍ରଦାନ କଲେ ହାଇକୋର୍ଟ

ଏବଂ

- ଉତ୍ତର ବଙ୍ଗୋପସାଗରରେ ଆସନ୍ତାକାଲି ସୁଦ୍ଧା ଏକ ଘୁର୍ଣ୍ଣିବଳୟ ସୃଷ୍ଟି ହେବାର ସମ୍ଭାବନା

GNR

## ଗ୍ଲୋବାଲ୍ ଫିନଟେକ୍ ଫେଷ୍ଟ

ନବସୃଜନ ଏବଂ ସମାବେଶୀ ପରିବେଶ ଲାଗି ଦେଶର ଡିଜିଟାଲ ବ୍ୟବସ୍ଥା ବର୍ତ୍ତମାନ ବିଶ୍ୱସ୍ତରୀୟ ମାନଦଣ୍ଡ ନିର୍ଦ୍ଧାରଣ କରୁଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି। ମୁମ୍ବାଇଠାରେ ଗ୍ଲୋବାଲ୍ ଫିନଟେକ୍ ଫେଷ୍ଟ-୨୦୨୫ରେ ଉଦ୍‌ବୋଧନ ଦେଇ ପ୍ରଧାନମନ୍ତ୍ରୀ କହିଛନ୍ତି, ଦେଶରେ ପ୍ରତ୍ୟେକ ମାସରେ ୟୁପିଆଇ ମାଧ୍ୟମରେ ୨୫ ଲକ୍ଷ କୋଟି ଟଙ୍କାର ଆର୍ଥିକ କାରବାର ହେଉଛି। ବୈଷୟିକ ଜ୍ଞାନକୌଶଳର ଗଣତାନ୍ତ୍ରିକୀକରଣ ଲାଗି ଭାରତ ବର୍ତ୍ତମାନ ବିଶ୍ୱର ଆଧୁନିକ ଜ୍ଞାନକୌଶଳ ସମୃଦ୍ଧ ସମାବେଶୀ ସମାଜ ମଧ୍ୟରେ ସ୍ଥାନ ପାଇଛି ବୋଲି ଶ୍ରୀ ମୋଦୀ କହିଛନ୍ତି।

**- V/O -**

BBSR/R

## ପ୍ରଧାନମନ୍ତ୍ରୀ ଧନଧାନ୍ୟ କୃଷି ଯୋଜନା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ୧୧ ତାରିଖରେ ପ୍ରଧାନମନ୍ତ୍ରୀ ଧନଧାନ୍ୟ କୃଷି ଯୋଜନାର ଶୁଭାରମ୍ଭ କରିବେ। ଏହା ପୂର୍ବରୁ ଆଜି କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂହ ଚୌହ୍ୱାନଙ୍କ ଅଧ୍ୟକ୍ଷତାରେ ଦେଶର ସମସ୍ତ କୃଷି ମନ୍ତ୍ରୀଙ୍କ ସହ ଆଭାସୀ ମାଧ୍ୟମରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରୁ ମିଳିଥିବା ସୂଚନା ଅନୁଯାୟୀ, ଏହି

ଅବସରରେ ପ୍ରଧାନମନ୍ତ୍ରୀ ଭୁବନେଶ୍ୱରରେ 'ଷ୍ଟେଟ୍ ଅଫ୍ ଦ ଆର୍ଟ' ମାଛ ମାର୍କେଟ ଏବଂ ହୀରାକୁଦରେ ଏକକୀକୃତ ଆକ୍ୱାପାର୍କର ଶିଳାନ୍ୟାସ କରିବେ। ପ୍ରଧାନମନ୍ତ୍ରୀ ଚାଷୀମାନଙ୍କ ସହ ଭାବ ବିନିମୟ କରିବାର ମଧ୍ୟ କାର୍ଯ୍ୟକ୍ରମ ରହିଛି। ରାଜ୍ୟର ସମସ୍ତ କୃଷି ବିଜ୍ଞାନ କେନ୍ଦ୍ରରେ କାର୍ଯ୍ୟକ୍ରମର ସିଧାପ୍ରସାରଣ କରାଯିବ। ଏହି ପଦକ୍ଷେପ ଦ୍ୱାରା ଦେଶର ୫୦ ଲକ୍ଷରୁ ଊର୍ଦ୍ଧ୍ୱ ଚାଷୀ ଏବଂ କୃଷକ ଉତ୍ପାଦକ ଗୋଷ୍ଠୀ ଲାଭବାନ ହେବେ ବୋଲି ଜଣାପଡ଼ିଛି। ବୈଠକରେ କୃଷି ବିଭାଗର ଦାୟିତ୍ୱରେ ଥିବା ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଏବଂ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଯୋଗ ଦେଇଥିଲେ।

Nuapada

## ନୂଆପଡ଼ା- ଭୋଟର ତାଲିକା

ନୂଆପଡ଼ା ଉପନିର୍ବାଚନ ପୂର୍ବରୁ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିମାନଙ୍କୁ ନେଇ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରେ ଆଜି ଏକ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଆର୍.ଏସ୍.ଗୋପାଳନ ବୈଠକରେ କହିଛନ୍ତି, ଉପନିର୍ବାଚନକୁ ମୁକ୍ତ, ଅବାଧ ଓ ନିରପେକ୍ଷ କରିବା ପାଇଁ ନିର୍ବାଚନ ଆୟୋଗଙ୍କ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଉଛି। ଭାରତର ନିର୍ବାଚନ ଆୟୋଗଙ୍କର ପକ୍ଷରୁ ଜାରି ହୋଇଥିବା ସମସ୍ତ ମାର୍ଗଦର୍ଶିକାକୁ କଡ଼ାକଡ଼ି ଅନୁପାଳନ କରିବା ପାଇଁ ମୁଖ୍ୟ ନିର୍ବାଚନ ଅଧିକାରୀ ସମସ୍ତ ରାଜନୈତିକ ଦଳର

ପ୍ରତିନିଧିମାନଙ୍କୁ ଅନୁରୋଧ କରିଛନ୍ତି। ଚଳିତ ବର୍ଷ ଭାରତର ନିର୍ବାଚନ ଅୟୋଗକଙ୍କ ମାର୍ଗଦର୍ଶିକା ଅନୁସାରେ ପ୍ରତି ବୁଥ୍‌ରେ ଭୋଟର ସଂଖ୍ୟା ୧ ହଜାର ୨୦୦ ମଧ୍ୟରେ ସୀମିତ ରଖାଯାଇଛି।

ଅନ୍ୟପକ୍ଷରେ ନୂଆପଡ଼ା ବିଧାନସଭାର ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇଛି। ମୋଟ୍ ୨ ଲକ୍ଷ ୫୩ ହଜାର ୬୨୪ଜଣ ଭୋଟର ନିଜର ମତଦାନ ସାବ୍ୟସ୍ତ କରିବେ। ଏଥିମଧ୍ୟରୁ ୧ ଲକ୍ଷ ୨୪ ହଜାର ୧୦୮ ଜଣ ପୁରୁଷ ଭୋଟର ଥିବାବେଳେ ୧ ଲକ୍ଷ ୨୯ ହଜାର ୪୯୫ ଜଣ ମହିଳା ଭୋଟର ଅଛନ୍ତି।

ଉପନିର୍ବାଚନ ତାରିଖ ଘୋଷଣା ସହ ଆଦର୍ଶ ଆଚରଣବିଧି ଲାଗୁ ହୋଇଥିବାରୁ ବୈଦ୍ୟୁତିକ, ମୁଦ୍ରଣ, ସାମାଜିକ ଗଣମାଧ୍ୟମ ଏବଂ ଅନ୍ୟ ଗଣମାଧ୍ୟମ ଗୁଡ଼ିକୁ ବିଜ୍ଞାପନ ଜାରି ପୂର୍ବରୁ ନିର୍ବାଚନ ଆୟୋଗଙ୍କର ଅନୁମତି ଜରୁରୀ ବୋଲି ରାଜ୍ୟ ନିର୍ବାଚନ ଅଧିକାରୀ ଶ୍ରୀ ଗୋପାଳନ କହିଛନ୍ତି। ଆସନ୍ତା ନଭେମ୍ବର ମାସ ୧୧ ତାରିଖରେ ନୂଆପଡ଼ା ଉପନିର୍ବାଚନ ପାଇଁ ଭୋଟ୍ ଗ୍ରହଣ ହେବ। ଏଥିଲାଗି ଆସନ୍ତା ୧୩ ତାରିଖରେ ବିଧିବଦ୍ଧ ଭାବେ ବିଜ୍ଞପ୍ତି ପ୍ରକାଶ ପାଇବ।

BBSR/R

## ସାଂସଦ ପ୍ରଶିକ୍ଷଣ

ଭୁବନେଶ୍ୱରସ୍ଥିତ ରାଜ୍ୟ ବିଜେପି କାର୍ଯ୍ୟାଳୟରେ ଆଜି ଜନଜାତି ବିଧାୟକ ଏବଂ ସାଂସଦମାନଙ୍କ ପ୍ରଶିକ୍ଷଣ ଶିବିରରେ ଜନଜାତିଙ୍କ ବିକାଶ

ସହ ଜଡ଼ିତ ବିଭିନ୍ନ ଜନମଙ୍ଗଳକାରୀ ଯୋଜନାର କ୍ଷେତ୍ର ପ୍ରସ୍ତୁତି ଓ ଯାଞ୍ଚ ସମ୍ପର୍କରେ ଆଲୋଚନା କରାଯାଇଛି। ରାଜ୍ୟ ବିଜେପି ସହ–ପ୍ରଭାରୀ ଲତା ଉସେଣ୍ଡି ଶିବିରର ଉଦ୍‌ଘାଟନ କରିଥିଲେ। ଜନଜାତି ବର୍ଗର ଲୋକଙ୍କ ଆୟବୃଦ୍ଧି ଓ ସେମାନଙ୍କୁ ଆତ୍ମନିର୍ଭର କରିବା ସହ ଏକ ଦାଦନମୁକ୍ତ ସମାଜ ଗଠନ ନେଇ କର୍ମଶାଳାରେ ଗୁରୁତ୍ୱାରୋପ କରାଯାଇଛି। ନିଜ ଅଂଚଳର ୨୦ରୁ ୨୫ ଗାଁକୁ ପୋଷ୍ୟଗ୍ରାମ ଭାବେ ଗ୍ରହଣ କରିବାକୁ ଶିବିରରେ ପରାମର୍ଶ ଦିଆଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ, ରାଷ୍ଟ୍ରୀୟ ସଂଗଠନ ମହାମନ୍ତ୍ରୀ ବି.ଏଲ୍. ସନ୍ତୋଷ, ଅନୁସୂଚିତ ଜନଜାତି ମୋର୍ଚ୍ଚାର ରାଷ୍ଟ୍ରୀୟ ସଭାପତି ସମୀର ଓରାଓଁ ଓ ରାଜ୍ୟ ପ୍ରଭାରୀ ବିଜୟ ପାଲ ସିଂହ ତୋମାର ପ୍ରମୁଖ କର୍ମଶାଳାରେ ଉପସ୍ଥିତ ଥିଲେ।

BBSR/R

## ରାଜ୍ୟପାଳ– ବନ୍ୟପ୍ରାଣୀ ସଂରକ୍ଷକ

ବନ୍ୟପ୍ରାଣୀ ସଂରକ୍ଷଣ ପାଇଁ ସାମୂହିକ ଦାୟିତ୍ୱ ଏକାନ୍ତ ଆବଶ୍ୟକ ବୋଲି ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି କହିଛନ୍ତି। ଭୁବନେଶ୍ୱର ଲୋକସେବା ଭବନ ସମ୍ମିଳନୀ କକ୍ଷରେ ୭୧ତମ ରାଜ୍ୟସ୍ତରୀୟ ବନ୍ୟପ୍ରାଣୀ ସପ୍ତାହ ପାଳନ ସମାରୋହକୁ ସମ୍ବୋଧିତ କରି ରାଜ୍ୟପାଳ କହିଛନ୍ତି, ମଣିଷ ଏବଂ ବନ୍ୟପ୍ରାଣୀଙ୍କ କଲ୍ୟାଣ ପ୍ରାକୃତିକ ସମନ୍ୱୟର ଅବିଚ୍ଛେଦ୍ୟ ଅଂଶ। ଦେଶରେ ବନ୍ୟପ୍ରାଣୀ ସପ୍ତାହ ପାଳନ ଦେଶର ଜୀବନ୍ତ ଐତିହ୍ୟର ସୁରକ୍ଷା ପାଇଁ ସମସ୍ତ ମିଳିତ କର୍ତ୍ତବ୍ୟକୁ ସ୍ମରଣ କରାଇଥାଏ।

ଏହି ଅବସରରେ ରାଜ୍ୟପାଳ ଜନସାଧାରଣ ପ୍ରକୃତିର ସକ୍ରିୟ ରକ୍ଷକ ହେବାକୁ ଜନସାଧାରଣଙ୍କୁ ଆହ୍ୱାନ ଦେଇଛନ୍ତି।

CTC

## ବାଲିଯାତ୍ରା

କଟକ ଐତିହାସିକ ବାଲିଯାତ୍ରା ଚଳିତ ବର୍ଷ ଉପର ପଡ଼ିଆରେ ହେବା ନେଇ ହାଇକୋର୍ଟ ଅନୁମତି ପ୍ରଦାନ କରିଛନ୍ତି। ପୂର୍ବରୁ କେବଳ ତଳପଡ଼ିଆରେ ବାଲିଯାତ୍ରାର ଆୟୋଜନ ନେଇ ପ୍ରଶାସନ ପକ୍ଷରୁ ନିଷ୍ପତ୍ତି ନିଆଯାଇଥିଲା।  ବାଲିଯାତ୍ରା ସମୟରେ ରାସ୍ତା ଅବରୋଧ, ଶବ୍ଦ ପ୍ରଦୂଷଣ ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦେବାକୁ ହାଇକୋର୍ଟ ଆଜି ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି କ୍ଷୁଦ୍ର ବ୍ୟବସାୟୀ ତଥା ଉଠାଦୋକାନୀମାନଙ୍କୁ ଉପଯୁକ୍ତ ସ୍ଥାନରେ ଏବଂ ବିନାମୂଲ୍ୟରେ ଥଇଥାନ କରିବା ଲାଗି ମଧ୍ୟ ପ୍ରଶାସନକୁ ହାଇକୋର୍ଟ କହିଛନ୍ତି। ହାଇକୋର୍ଟର ପୂର୍ବ ରାୟର କାର୍ଯ୍ୟକାରିତା ସମ୍ପର୍କରେ କଟକ ଜିଲ୍ଲାପାଳ ଆଜି ସତ୍ୟପାଠ ଦାଖଲ କରିଥିଲେ।

Rayagada

## ଅନାସ୍ଥା ପ୍ରସ୍ତାବ

ଉଚ୍ଚତମ ନ୍ୟାୟାଳୟର ନିର୍ଦ୍ଦେଶକ୍ରମେ ରାୟଗଡ଼ା ପୌରପରିଷଦ ଉପାଧ୍ୟକ୍ଷଙ୍କ ଅନାସ୍ଥାପ୍ରସ୍ତାବ ଉପରେ ହୋଇଥିବା ଭୋଟ୍‌ର ଗଣତି ସ୍ଥଗିତ ରଖାଯାଇଛି। ପୌରପରିଷଦ ଉପାଧ୍ୟକ୍ଷ ଶୁଭ୍ରା ପଣ୍ଡାଙ୍କ ବିରୁଦ୍ଧରେ ଅଣାଯାଇଥିବା ଅନାସ୍ଥା ପ୍ରସ୍ତାବ ନେଇ ଭୋଟ୍ ଗ୍ରହଣ ଶେଷ

ହୋଇଥିବାବେଳେ ଭୋଟ୍ ବାକ୍ସକୁ ଜିଲ୍ଲା କୋଷାଗାରରେ ସଂରକ୍ଷିତ ରଖାଯାଇଛି ।

BBSR/R

## ସ୍ୱାସ୍ଥ୍ୟ ସଚିବଙ୍କ ସମୀକ୍ଷା

ସ୍ୱାସ୍ଥ୍ୟ ସଚିବ ଅଶ୍ୱିଥି ଏସ୍ ଭୁବନେଶ୍ୱର ଲୋକସେବା ଭବନରେ ଆଜି ସରକାରୀ ଡାକ୍ତରୀଖାନା କୋଠାଗୁଡ଼ିକର ନିର୍ମାଣର ଅଗ୍ରଗତି ଏବଂ ଅଗ୍ନି ନିରାପତ୍ତା ପଦକ୍ଷେପ ସମ୍ପର୍କରେ ସମୀକ୍ଷା କରିଛନ୍ତି । ବୈଠକରେ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରଠାରୁ ମେଡିକାଲ କଲେଜ ପର୍ଯ୍ୟନ୍ତ ସମସ୍ତ କୋଠାର ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ସ୍ୱାସ୍ଥ୍ୟ ସଚିବ ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି । ଏହାସହ ହସ୍ପିଟାଲଗୁଡ଼ିକୁ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ କରିବା ତଥା ଅଗ୍ନି ନିରାପତ୍ତାକୁ ପ୍ରାଥମିକତା ଦେବାକୁ ନିର୍ଦ୍ଦେଶ ଦିଆଯାଇଛି ।

CTC

## ଟାସ୍କଫୋର୍ସ ବୈଠକ

ଦେଶକୁ ପୋଲିଓ ମୁକ୍ତ କରିବା ଲକ୍ଷ୍ୟରେ କଟକର ବିଜୁ ଭବନଠାରେ ମହାନଗର ନିଗମ କମିଶନର ସୁଶ୍ରୀ କିରଣ ଦୀପ୍ କୌର ସହାତୋଙ୍କ ଅଧ୍ୟକ୍ଷତାରେ ଏକ ଟାକ୍ସଫୋର୍ସ ବୈଠକ ଅନୁଷ୍ଠିତ ହୋଇଯାଇଛି । କଟକ ସହରାଞ୍ଚଳ ତଥା ମହାନଗର ନିଗମର ସମସ୍ତ ୱାର୍ଡଗୁଡ଼ିକରେ ଶିଶୁମାନଙ୍କ ସୁରକ୍ଷାକୁ ଅଗ୍ରାଧିକାର ଦେଇ ଚଳିତ ମାସ ୧୨, ୧୩ ଓ ୧୪ ତାରିଖ ତିନିଦିନ ଧରି ପୋଲିଓ ବୁନ୍ଦା ଦେବା ପାଇଁ ନିଷ୍ପତ୍ତି ନିଆଯାଇଛି ।

ବୈଠକରେ ୫୫ ହଜାର ୨୮୦ ଜଣ ଶିଶୁଙ୍କୁ ପୋଲିଓ ପ୍ରଦାନ କରାଯିବା ପାଇଁ ଲକ୍ଷ୍ୟ ରଖାଯାଇଛି ।

Desk

## ନୋବେଲ ପୁରସ୍କାର

ହଙ୍ଗେରୀର ଲେଖକ ଲାସ୍‌ଲୋ କ୍ରାଜନାହୋରକାଇ ନୋବେଲ ସାହିତ୍ୟ ପୁରସ୍କାର-୨୦୨୫ ପାଇଁ ମନୋନୀତ ହୋଇଛନ୍ତି । ତାଙ୍କର ଉପନ୍ୟାସ 'ହର୍ସଟ-୦୭୭୬୯' ପାଇଁ ଏହି ପୁରସ୍କାର ପ୍ରଦାନ କରାଯିବ । ଉପନ୍ୟାସରେ ଜର୍ମାନୀର ସାମାଜିକ ଅସ୍ଥିରତା ତଥା ହିଂସା ଓ ସୌନ୍ଦର୍ଯ୍ୟ ଉପରେ ସୁନ୍ଦର ଭାବରେ ଚିତ୍ରଣ କରାଯାଇଛି । ସ୍ୱିଡିସ୍ ଏକାଡେମୀ ପକ୍ଷରୁ ଏହି ନୋବେଲ ପୁରସ୍କାର ପ୍ରଦାନ ସମ୍ପର୍କରେ ସୂଚନା ପ୍ରଦାନ କରାଯାଇଛି ।

Puri

## ଶ୍ରୀକ୍ଷେତ୍ର- କାର୍ତ୍ତିକ ବ୍ରତ

ଶ୍ରୀକ୍ଷେତ୍ର ପୁରୀରେ କାର୍ତ୍ତିକ ବ୍ରତ ପାଳନ ପାଇଁ ହବିଷ୍ୟାଳୀ ମାନଙ୍କର ଭିଡ଼ ପରିଲକ୍ଷିତ ହୋଇଛି । ସମଗ୍ର ସହର ହରିବୋଲ ହୁଳହୁଳି ଧ୍ୱନିରେ ପ୍ରକମ୍ପିତ ହେଉଛି । ହବିଷ୍ୟାଳୀମାନେ ଶ୍ରୀମନ୍ଦିର ଯାଇ ରାଧା ଦାମୋଦର ବେଶରେ ମହାପ୍ରଭୁଙ୍କୁ ଦର୍ଶନ କରୁଛନ୍ତି । ଏ ସମ୍ପର୍କରେ ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ପଣ୍ଡିତ ସୂର୍ଯ୍ୟନାରାୟଣ ରଥଶର୍ମା କହନ୍ତି...

**- V/O –**

Boudh/Nabarangpur/DHNKL

# ପୋଷଣ ମାସ

ଢେଙ୍କାନାଳରେ ଗତ ମାସ ୧୭ ତାରିଖରୁ ଆରମ୍ଭ ହୋଇଥିବା ରାଷ୍ଟ୍ରୀୟ ପୋଷଣ ମାସ ପାଳନ ଅବସରରେ ଆଜି ଜିଲ୍ଲା ସମାଜ ମଙ୍ଗଳ ବିଭାଗ ପକ୍ଷରୁ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କର୍ମଶାଳାରେ ପ୍ରଶାସନିକ ଅଧିକାରୀ ଭଗତ ସାମଲ କଲ୍ୟାଣ ରାଓ ଯୋଗଦେଇ ଏକ ସୁସ୍ଥ ସମାଜ ଗଠନ ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ। ମା'ମାନଙ୍କର ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟ ଠିକ୍ ରହିଲେ ଶିଶୁମାନଙ୍କର ବୌଦ୍ଧିକ ବିକାଶ ହେବ ବୋଲି ସେ କହିଥିଲେ।

ନବରଙ୍ଗପୁରଠାରେ ଜିଲ୍ଲା ସମାଜ କଲ୍ୟାଣ ବିଭାଗ ଆନୁକୂଲ୍ୟରେ ବିଭାଗୀୟ ଅଧିକାରୀଙ୍କ ଅଧ୍ୟକ୍ଷତାରେ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ସାମ୍ପ୍ରତିକ ପରିସ୍ଥିତିରେ ସୁସ୍ଥ ନିରାମୟ ଜୀବନ ପାଇଁ ସୁଷମ ଏବଂ ଉତ୍ତମ ପୋଷଣର ଆବଶ୍ୟକତା ସମ୍ପର୍କରେ ସଚେତନତା ବାର୍ତ୍ତା ପ୍ରଦାନ କରାଯାଇଥିଲା।

Boudh/Ganjam

# ବିଶ୍ୱ ଦୃଷ୍ଟି ଦିବସ

ବିଶ୍ୱ ଦୃଷ୍ଟି ଦିବସରେ ଆଜି ରାଜ୍ୟର ବିଭିନ୍ନ ସ୍ଥାନରେ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହୋଇଯାଇଛି। ଗଞ୍ଜାମ ଜିଲ୍ଲାରେ ଆଜି ଆୟୋଜିତ ଏକ

ସଚେତନତା ଶୋଭାଯାତ୍ରାକୁ ଜିଲ୍ଲାପାଳ ଭି.କୀର୍ତ୍ତିଭାସନ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଚକ୍ଷୁର ଯତ୍ନ ନେବା ଦିଗରେ ପ୍ରତ୍ୟେକ ବ୍ୟକ୍ତି ସଚେତନ ହେବା ଜରୁରୀ ବୋଲି  ଜିଲ୍ଲାପାଳ କହିଛନ୍ତି।

ବୌଦ୍ଧ ସହରର ମର୍ଜାକୁଦଠାରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସଂଘମିତ୍ରା ପଣ୍ଡାଙ୍କ ଅଧ୍ୟକ୍ଷତାରେ ଦୃଷ୍ଟିଶକ୍ତି ଉପରେ ଗୁରୁତ୍ୱ ପ୍ରଦାନ କରି ଏକ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବିଶିଷ୍ଟ ବ୍ୟକ୍ତିମାନେ ଆଖିର ଯତ୍ନ ସମ୍ବନ୍ଧରେ ବିଭିନ୍ନ ବାର୍ତ୍ତା, ଉପାୟମାନ ପ୍ରଦାନ କରିଛନ୍ତି।

BBSR.R/Desk

# ଗୋପବନ୍ଧୁ ଜୟନ୍ତୀ

ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ସମାଜସେବୀ, ସାମ୍ବାଦିକ, କବି, ଲେଖକ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କର ଆଜି  ୧୪୮ତମ ଜୟନ୍ତୀ ପାଳନ କରାଯାଉଛି । ପୁରୀ ଜିଲ୍ଲାର ସୁଆଣ୍ଡୋ ଗ୍ରାମରେ ପଣ୍ଡିତ ଗୋପବନ୍ଧୁ ଦାସ ୧୮୭୭ ମସିହା ଆଜିର ଦିନରେ ଜନ୍ମ ଗ୍ରହଣ କରିଥିଲେ । ପଣ୍ଡିତ ଗୋପବନ୍ଧୁ ଥିଲେ ଆଧୁନିକ ଯୁଗର ପଞ୍ଚସଖାଙ୍କ ମଧ୍ୟରେ ଅନ୍ୟତମ ।

ଭୁବନେଶ୍ୱରରେ ଆଜି ସନ୍ଧ୍ୟାରେ ଅନୁଷ୍ଠିତ ପଣ୍ଡିତ ଗୋପବନ୍ଧୁ ଦାସଙ୍କର ଜୟନ୍ତୀ ସମାରୋହରେ  ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲୀକ ଯୋଗଦେବାର କାର୍ଯ୍ୟସୂଚୀ ରହିଛି ।

MET

# ପାଣିପାଗ

ଉତ୍ତର ବଙ୍ଗୋପସାଗରରେ ଆସନ୍ତାକାଲି ସୁଦ୍ଧା ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ସମ୍ଭାବନା ରହିଛି । ଏହାର ପ୍ରଭାବରେ ଉପକୂଳ ଓଡ଼ିଶାର ବିଭିନ୍ନ ସ୍ଥାନରେ ବଜ୍ରପାତ ସହ ବର୍ଷା ହେବା ନେଇ ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଅନୁମାନ କରାଯାଇଛି । ଆସନ୍ତା ୨୪ ଘଣ୍ଟା ମଧ୍ୟରେ ୧୭ଟି ଜିଲ୍ଲାରେ ବଜ୍ରପାତ ସହ ବର୍ଷା ନେଇ ପାଣିପାଗ କେନ୍ଦ୍ର ସତର୍କ ସୂଚନା ଜାରି କରିଛି ।